**ସଂକ୍ଷେପରେ**

## ୨୯ରୁ ଶିଶୁ ପ୍ରତିଭା ବିକାଶ ମହୋତ୍ସବ

**ବାହାନଗା, ୧୯।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତ ଜେନିଥ୍ ଷ୍ଟଡି ସେଣ୍ଟର ପରିସରରେ ଶିଶୁ ପ୍ରତିଭା ବିକାଶ ମହୋତ୍ସବ ଲାଗି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ଶଙ୍କର୍ଷଣ ଶିଅଳ ସଭାପତିତ୍ୱ କରିଥିଲେ। ଏହି ଉତ୍ସବ ଆସନ୍ତା ଜାନୁୟାରୀ ୨୯, ୩୦ ଓ ୩୧ ତାରିଖ ୩ ଦିନ ଧରି ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ କମେଡିଆନ୍ ପୁଣ୍ଟୁ ନନା, ବ୍ୟଙ୍ଗ କବି ଜ୍ଞାନ ହୋତା, ଅଭିନେତ୍ରୀ ରେଖା, ପ୍ରବଚକ ବୀରେନ୍ଦ୍ର ପଣ୍ଡା, ସାମାଜିକ କର୍ମୀ ସୁବାସିନୀ ଜେନା, ସତ୍ୟସାଇ ଇଞ୍ଜିନିୟରିଂ କଲେଜର ପରିଚାଳନା ନିର୍ଦ୍ଦେଶକ ବେଣୁମାଧବ ପଣ୍ଡା, ରବିନାରାୟଣ ମିଶ୍ର, ବାଲେଶ୍ୱର ଜିଲାପାଳ ରମେଶ ଚନ୍ଦ୍ର ରାଉତ, ଉପଜିଲାପାଳ ନିଲୁ ମହାପାତ୍ର, ଅତିରିକ୍ତ ଜିଲାପାଳ ମାନସ ପାଢୀ ପ୍ରମୁଖ ପର୍ଯ୍ୟାୟକ୍ରମେ ଯୋଗଦେବା ଲାଗି ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହାବ୍ୟତୀତ ସଂସ୍କୃତି ବିଭାଗ ପକ୍ଷରୁ ୩ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଦ୍ୟାଳୟସ୍ତରୀୟ ମେଧାବୃତ୍ତି ପରୀକ୍ଷା, ଚିତ୍ରାଙ୍କନ, ସାଧାରଣ ଜ୍ଞାନ ପରୀକ୍ଷା, ନୃତ୍ୟ, ସଙ୍ଗୀତ ଓ ଏକକ ଅଭିନୟ ଅନୁଷ୍ଠିତ ହେବ। ବୈଠକରେ କାର୍ଯ୍ୟକାରୀ ସମ୍ପାଦକ ସୁରେଶ କୁମାର ବେହେରା, ଅଭୟ କୁମାର ମହାନ୍ତି, ଯୋଗେନ୍ଦ୍ର ପାଣିଗ୍ରାହୀ, ରାଜକିଶୋର ଗୁପ୍ତା, ପ୍ରଭାତ ମହାପାତ୍ର, କରୁଣାକର ଶଙ୍ଖୁଆ ଓ ଅମିତ୍ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳା କଂଗ୍ରେସ କମିଟିର ବିକ୍ଷୋଭ



**ବାଲେଶ୍ୱର ଅଫିସ,୧୯।୧:** ଦାରିଙ୍ଗବାଡ଼ି ଅଷ୍ଟମ ଶ୍ରେଣୀ ଛାତ୍ରୀ ପ୍ରସବ ଘଟଣା ପରେ ବାଲେଶ୍ୱର ଜିଲା ମହିଳା କଂଗ୍ରେସ କମିଟି ପକ୍ଷରୁ ଶନିବାର ବିଭାଗୀୟ ମନ୍ତ୍ରୀଙ୍କ ଇସ୍ତଫା ଦାବି କରି ଜିଲାପାଳଙ୍କ ଅଫିସ୍ ପରିସରରେ ବିକ୍ଷୋଭ ଓ କୁଶପୁତ୍ତଳିକା ଦାହ କରାଯାଇଥିଲା। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ମାର୍ଗଦର୍ଶନ ଓ ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ କମିଟି ସଭାପତି ସୁମିତ୍ରା ଜେନାଙ୍କ ନିର୍ଦ୍ଦେଶକ୍ରମେ ଜିଲା ମହିଳା କଂଗ୍ରେସ ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଜିଲା ମହିଳା କଂଗ୍ରେସ ସଭାପତି ପ୍ରଜ୍ଞା ପରମିତା ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ ମହିଳା ଯୋଗଦେଇଥିଲେ। ପୀଡ଼ିତା ଜଣଙ୍କ ଚିକିତ୍ସା ଅଭାବରୁ ନବଜାତ ଶିଶୁକୁ ହରାଇବା ଘଟଣା ଅତି ସମ୍ବେଦନଶୀଳ। ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ଚୁପ୍ ରହିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ବକ୍ତାମାନେ ମତ ରଖିଥିଲେ। କାର୍ଯ୍ୟରେ ଅବହେଳା କରିଥିବାରୁ ଦୁଇମନ୍ତ୍ରୀଙ୍କୁ ଅବିଳମ୍ବେ ବହିଷ୍କାର ଓ ବିଭାଗୀୟ ଦୁଇ ସଚିବଙ୍କୁ ନିଲମ୍ବିତ କରିବାକୁ କଂଗ୍ରେସ ଦାବି କରିଛି। ଏଥିପ୍ରତି ଗୁରୁତ୍ୱ ଦିଆ ନ ଗଲେ ଆଗାମୀ ଦିନରେ ବିଧାନସଭା ଘେରାଉ କରିବାକୁ ବାଧ ହେବେ ବୋଲି ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ କମିଟି ସଭାପତି ଶ୍ରୀମତୀ ଜେନା ଚେତାବନୀ ଦେଇଛନ୍ତି। ରାଜ୍ୟ ସାଧାରଣ ସମ୍ପାଦିକା ପ୍ରତିମା ପଣ୍ଡା, ଶୋଭା ଦାସ, ଜ୍ୟୋତ୍ସ୍ନା ସେନାପତି, ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜୀବ ଗିରି, ଯୁବନେତା ବିକ୍ରମ ପଣ୍ଡା, ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ରହି ଉଦ୍‌ବୋଧନ ଦେଇଥିଲେ।

## ଗହଣା ବ୍ୟବସାୟୀଙ୍କଠାରୁ ଲୁଟ୍ ଘଟଣା
## ୩ କୋର୍ଟଚାଲାଣ

**ଖଇରା, ୧୯।୧(ଡି.ଏନ.ଏ.):** ଖଇରା ଥାନା ଗୋବିନ୍ଦପୁର ଗ୍ରାମର ଗହଣା ବ୍ୟବସାୟୀ ପ୍ରମୋଦ କୁମାର ବିଶ୍ୱାଳଙ୍କଠାରୁ ଗହଣା ଲୁଟ୍ ଅଭିଯୋଗରେ ଖଇରା ପୋଲିସ ଶନିବାର ସୋର ବୁଢ଼େଇ ଗ୍ରାମର କମଳାକାନ୍ତ ଦାସ, ସୋର ଦହିପୁର ଗ୍ରାମର ଜଗବନ୍ଧୁ ଜେନା, ସୋର ଚିନ୍ତାମଣିପଡ଼ା ଗ୍ରାମର ରଣଜିତ୍ ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ୫ ତାରିଖ ସନ୍ଧ୍ୟାରେ ପ୍ରମୋଦ ଗଣ୍ଡିବେଢ଼ରେ ଥିବା ନିଜ ଗହଣା ଦୋକାନ ବନ୍ଦ କରି ଘରକୁ ଫେରୁଥିବା ବେଳେ ଉପରୋକ୍ତ ଯୁବକମାନେ ଏକ ବାଇକ୍‌ରେ ଆସି ତାଙ୍କ ନିକଟରୁ ଲକ୍ଷାଧିକ ଟଙ୍କାର ଗହଣା ଓ ମୋବାଇଲ୍ ନେଇ ପଳାଇଥିଲେ। ଖଇରା ପୋଲିସ ୬ ତାରିଖରେ ଏକ ମାମଲା (ନଂ.୨/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

■ ୨୦ବର୍ଷ ହେଲା ଘରବାଡି ପଟ୍ଟା ମିଳୁନି

# ୪୫ ପରିବାର ହିନସ୍ତା

**ବାଲିଆପାଳ, ୧୯।୧(ଡି.ଏନ.ଏ)**

ବାଲିଆପାଳ ତହସିଲ ଡଗରା ପଞ୍ଚାୟତ ଯୁଗଡିହା ଓ ଜାମତକୁଲା ଗ୍ରାମର ୪୫ ପରିବାର ଦୀର୍ଘଦିନ ହେଲା ଘରବାଡି ପଟ୍ଟା ନ ପାଇ ହୀନସ୍ତା ହେଉଛନ୍ତି। ଜିଲା ପ୍ରଶାସନ ବାରମ୍ବାର ପ୍ରତିଶ୍ରୁତି ଦେଇ କାର୍ଯ୍ୟକାରୀ କରିନାହାନ୍ତି। ଏହାର ପ୍ରତିବାଦ କରି ସେମାନେ ଭୋଟ ବର୍ଜନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି।

ପ୍ରାୟ ୨୦ ବର୍ଷରୁ ଅଧିକ ଦିନ ଧରି ଆଦିବାସୀ ଭୂମିଜ ସମ୍ପ୍ରଦାୟର ଲୋକମାନେ ଦୁଇ ଗ୍ରାମର ଜଙ୍ଗଲ କିସମ ଜମିରେ ଘର କରି ବସବାସ କରି ଆସୁଛନ୍ତି। ଘରବାଡି ପଟ୍ଟା ନ ମିଳିବାରୁ ଏହି ପରିବାର ଲୋକମାନେ ସମସ୍ତ ପ୍ରକାର ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହୋଇଛନ୍ତି। ବ୍ୟାଙ୍କ ଋଣ, ଇନ୍ଦିରା ଆବାସ, ବିଜୁ ପକ୍କା ଘର, ସ୍ଥାୟୀବାସିନ୍ଦା ପ୍ରମାଣ ପତ୍ର ଆଦି ଘରବାଡି ପଟ୍ଟା ନ ଥିବାରୁ ଏମାନେ ପାଇପାରୁନାହାନ୍ତି। ସରକାରଙ୍କ ଚିରସ୍ଥାୟୀ ବନ୍ଦୋବସ୍ତରେ ଜଙ୍ଗଲ କିସମ ଜାଗା ପରିବର୍ତ୍ତିତ ହୋଇ ଘରବାଡି କିସମ ହୋଇଥିଲେ ବି କୌଣସି ସୁଫଳ ମିଳିପାରିନାହିଁ। କେବଳ ଘରବାଡି ପଟ୍ଟା ପାଇଁ ୨୦୧୭ ମସିହାରୁ ଅଦ୍ୟାବଧି ଏହି ସମ୍ପ୍ରଦାୟର ଲୋକମାନେ ୪ଥର ଜିଲାପାଳଙ୍କୁ ଭେଟି ଗୁହାରି କରିଛନ୍ତି। ଜିଲାପାଳ, ତହସିଲଦାରଙ୍କୁ ସର୍ଭେ କରି ତଦନ୍ତ

**ଭୋଟ ବର୍ଜନ ନିଷ୍ପତ୍ତି**

ରିପୋର୍ଟ ମଗାଇଛନ୍ତି। ମାତ୍ର ସେମାନଙ୍କ ସମସ୍ୟା ପ୍ରତି ଆଦୌ ଦୃଷ୍ଟି ଦିଆଯାଉନାହିଁ ବୋଲି ଏହି ସମ୍ପ୍ରଦାୟର ଭୁବନ ପାତ୍ର, ଜୀବନ ପାତ୍ର, ଖଗେନ୍ଦ୍ର ପାତ୍ର, କରୁଣାକର ପାତ୍ର, ଗଜେନ୍ଦ୍ର ଦଳାଇ, ସୁଧାକର ମଲ୍ଲିକ, ଗୌରାଙ୍ଗ ଦଳାଇ, ହରିପଦ ଦଳାଇ, ସୁଶାନ୍ତ ଦଳାଇ, ଲମ୍ବୋଦର ପାତ୍ର, ନଳନୀ ଦେହୁରୀ, ଭୁଲିଆ କୁଅଁର ପ୍ରମୁଖ କହିଛନ୍ତି। ଏ ବାବଦରେ ଉଚ୍ଚ ପଦାଧିକାରୀମାନେ ଚାହିଁଲେ ପଦକ୍ଷେପ ନେଇପାରିବେ ବୋଲି ତହସିଲଦାର କହିଛନ୍ତି।

# ୭ ପ୍ରତିଭାଙ୍କୁ ମିଳିବ 'ଜ୍ଞାନଶ୍ରୀ ପ୍ରତିଭା ସମ୍ମାନ'



ଖବରଦାତା ସମ୍ମିଳନୀରେ ସଙ୍ଗଠନର କର୍ମକର୍ତ୍ତା।

**ବାଲେଶ୍ୱର ଅଫିସ,୧୯।୧**

ବାଲେଶ୍ୱର ଜିଲାର ଏକ ଅଗ୍ରଣୀ ସମାଜସେବୀ ସଙ୍ଗଠନ 'ଜ୍ଞାନଶ୍ରୀ' ପକ୍ଷରୁ ଚଳିତବର୍ଷ 'ଜ୍ଞାନଶ୍ରୀ ପ୍ରତିଭା ସମ୍ମାନ-୨୦୧୯'ରେ ୭ଜଣ ବିଶିଷ୍ଟ ପ୍ରତିଭାମାନଙ୍କୁ ସମ୍ମାନିତ କରାଯିବ। ଏ ସମ୍ପର୍କରେ ଲକ୍ଷ୍ମୀନାରାୟଣ ମନ୍ଦିର ନିକଟସ୍ଥ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରତିଭା ସମ୍ମାନ ଅଭ୍ୟର୍ଥନା କମିଟି ସଭାପତି ସୁବାସିନୀ ଜେନା ପ୍ରକାଶ କରିଛନ୍ତି।

ଦୀର୍ଘ ୧୦ବର୍ଷ ଧରି ଉକ୍ତ ସଙ୍ଗଠନ ଚାରାରୋପଣ, ସ୍ୱେଚ୍ଛାକୃତ ରକ୍ତଦାନ, ସ୍ୱାସ୍ଥ୍ୟ ଶିବିର, ଜରୁରିକାଳୀନ ସେବା, ନିଶା ନିବାରଣ କାର୍ଯ୍ୟକ୍ରମ, ପଥପ୍ରାନ୍ତ ନାଟକ-'ନିଶାନ୍ତ', ମାଗଣା କମ୍ପ୍ୟୁଟର ଶିକ୍ଷା କାର୍ଯ୍ୟକ୍ରମ-ଜ୍ଞାନଜ୍ୟୋତି, ଝିଅମାନଙ୍କ କର୍ମଶାଳା 'କୁମାରୀ', ସ୍ୱେଚ୍ଛାସେବୀ ପ୍ରଶିକ୍ଷଣ ଶିବିର, ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ କରିଆସୁଛି। ବାର୍ଷିକ ଉତ୍ସବରେ ଦେଶବିଦେଶରେ ଗୌରବ ଅର୍ଜନ କରୁଥିବା ବହୁ ବିଶିଷ୍ଟ ପ୍ରତିଭାଙ୍କୁ ସମ୍ମାନିତ କରିଥାଏ। ଚଳିତବର୍ଷ ଜାନୁୟାରୀ ୨୪ ତାରିଖରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ନିଶା ନିବାରଣ ଅଭିଯାନର ରାଜ୍ୟ ସଭାପତି ପଦ୍ମଚରଣ ନାୟକ, କବୟିତ୍ରୀ ଦୀପ୍ତି ଦାସ, ଖ୍ୟାତନାମା ସଙ୍ଗୀତ ତଥା କଣ୍ଠଶିଳ୍ପୀ ଗୁଡ୍‌ଲି ରଥ, ସାମାଜିକ କର୍ମୀ ସେକ୍ ଜନତ ହୁସେନ୍, ଯୁବ ବୈଜ୍ଞାନିକ ନୀଳମାଧବ ବେହେରା, ଭିନ୍ନକ୍ଷମ ସାମାଜିକ କର୍ମୀ ଦୀପ୍ତି ଦାସ, ନୃତ୍ୟଶିଳ୍ପୀ ରୋନାଲିସା ପଣ୍ଡାଙ୍କୁ ସମ୍ମାନିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଖବରଦାତା ସମ୍ମିଳନୀରେ ସମ୍ପାଦକ ପ୍ରଶାନ୍ତ କୁମାର ପଟେଲ, ରାଜ୍ୟ ଉପଦେଷ୍ଟା ଡମ୍ବରୁଧର ଚଣ୍ଡ, ସଦସ୍ୟ ଇନାୟତ ଅଲ୍ଲୀ ଖାନ ଓ ବିକାଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ହଜାରେରୁ ଊର୍ଦ୍ଧ୍ୱ ରୋଗୀ ଚିକିତ୍ସିତ

**ଭଦ୍ରକ ଅଫିସ, ୧୯।୧**

ମକର ପର୍ବ ଅବସରରେ ସଙ୍ଗଠନ ଶୁଭମ୍ ପକ୍ଷରୁ ମା' ଦପାନାୟକାଣୀଙ୍କ ପୀଠରେ ତ୍ରିଦିବସୀୟ ମେଗା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ହଜାରରୁ ଊର୍ଦ୍ଧ୍ୱ ରୋଗୀ ଚିକିତ୍ସିତ ହୋଇଛନ୍ତି। ଉଦ୍‌ଘାଟକ ଭାବେ ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ କୁମାର ଖୁଣ୍ଟିଆ ଯୋଗ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ଆର୍ଯ୍ୟ ମିଶ୍ର, ମେଡିସିନ ସ୍ପେଶାଲିଷ୍ଟ ଡା. ବିଜୟ କୁମାର ପଣ୍ଡା, ଶିଶୁ ରୋଗ ବିଶେଷଜ୍ଞ ଡା. ବିନୋଦ ବିହାରୀ ପଣ୍ଡା, ବାଲେଶ୍ୱର ମେଡିକାଲ କଲେଜର ଇଏନ୍‌ଟି ବିଭାଗର ଆସୋସିଏଟ ପ୍ରଫେସର ଡା. ବିବେକାନନ୍ଦ ଆଚାର୍ଯ୍ୟ, ଚକ୍ଷୁ ବିଶେଷଜ୍ଞ ଡା. ମୁକ୍ତିକାନ୍ତ ନାୟକ, ଚିକିତ୍ସକ ଗୋଲକ ଚନ୍ଦ୍ର ସାମଲ, ଫାର୍ମାସିଷ୍ଟ ସତ୍ୟଶ୍ରୀ ନାୟକ ଓ ବିନୋଦ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ସେମାନେ ମେଳାକୁ ଆସିଥିବା ରୋଗୀ ଏବଂ ଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣାରେ ଔଷଧ ବଣ୍ଟନ କରିଥିଲେ। ସେହିପରି ସଙ୍ଗଠନ ପକ୍ଷରୁ ଲେମ୍ବୁ ସର୍ବତ ବଣ୍ଟନ କରାଯାଇଥିଲା। ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବ୍ଲକ ଅଧକ୍ଷା ବିଦ୍ୟୁତଲତା ନାୟକ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ

**ମେଗା ସ୍ୱାସ୍ଥ୍ୟ ଶିବିର**

ଦେଇଥିଲେ। ଶେଷ ଦିନରେ ମା' ଦପାନାୟକାଣୀ ପୂଜା କମିଟି ସଭାପତି ଶରତ ଦାସ ଓ ବିଶିଷ୍ଟ ଶିକ୍ଷାବିତ୍ ନିତ୍ୟାନନ୍ଦ ମଲ୍ଲିକଙ୍କ ସହ ଅନ୍ୟ କର୍ମକର୍ତ୍ତାଙ୍କୁ ନେଇ ସମୀକ୍ଷା ବୈଠକ ହୋଇଥିଲା। ସଭାପତି ହୃଷୀକେଶ ବାରିକ ଓ ସଂଯୋଜକ ଆନନ୍ଦ ଚନ୍ଦ୍ର ବେହେରା ନେତୃତ୍ୱ ନେଇଥିଲେ। ସମ୍ପାଦକ ନରେନ୍ଦ୍ର କୁମାର ସାମଲ, ସଦସ୍ୟ ଆନନ୍ଦ ଚନ୍ଦ୍ର ପଲାଇ, ରଘୁନାଥ ସାହୁ, ଦେବେନ୍ଦ୍ର ଭଞ୍ଜ, ଚକ୍ରଧର ଜେନା, ଦୀନବନ୍ଧୁ ପତି, ମଲ୍ଲିଲତା ପାଣ୍ଡବ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମହିଳାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ

**ସୋର, ୧୯।୧(ଡ଼ି.ଏନ୍.ଏ.)**

ସୋର ଥାନା କେଦାରପୁର ପଞ୍ଚାୟତ ବାଣିସିଆ ଗ୍ରାମରେ ଶୁକ୍ରବାର ରାତିରେ ଜଣେ ମହିଳାଙ୍କୁ ୨ଜଣ ଯୁବକ ଖୁରରେ ଆକ୍ରମଣ କରିଛନ୍ତି । ଏହି ଗ୍ରାମର ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ସ୍ତ୍ରୀ ମଞ୍ଜୁଲତା ବାହାରକୁ ଉଠିଥିବା ବେଳେ ୨ ଜଣ ଯୁବକ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ମଞ୍ଜୁଲତା ଚିତ୍କାର କରିବାରୁ ୨ ଜଣ ଯୁବକ ଦୌଡ଼ି ପଳାଇଯାଇଥିଲେ। ମହିଳାଙ୍କୁ ପରିବାର ଲୋକେ ସୋର ଡ଼ାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସୋର ପୋଲିସ ପହଞ୍ଚି ତଦନ୍ତ ଚଳାଇଛି ।

## ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଲାଲ୍ ଚୁଡ଼ି ଭେଟି



**ବାଲେଶ୍ୱର ଅଫିସ,୧୯।୧**

ବାଲେଶ୍ୱର ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଶୋଭାରାମପୁରସ୍ଥିତ ପଡ଼ିଆରେ ଆୟୋଜିତ 'ଜବାବ ମାଗୁଛି ମହିଳା ମୋର୍ଚ୍ଚା' କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କୁ ଲାଲି ଚୁଡ଼ି ଭେଟି ଦେବା ପାଇଁ ସଂଗ୍ରହ କରାଯାଇଛି। ନଗର ମହିଳା ମୋର୍ଚ୍ଚାର ସଭାପତି ପିଙ୍କି ପ୍ରଧାନ ସଭାପତିତ୍ୱ କରି ନାରୀ ସୁରକ୍ଷାର ଡିଣ୍ଡିମ ପିଟୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କଥା କେବଳ ପାଣିର ଗାର ସଦୃଶ। ଆଜିବି ସାଧାରଣ ଘରର ମହିଳା ଅସୁରକ୍ଷିତ ମନେ କରୁଛି। ଓଡ଼ିଶାରେ ୮ ବର୍ଷର କନ୍ୟାଠାରୁ ୬୦ ବର୍ଷର ବୟସ୍କ ମହିଳା ପର୍ଯ୍ୟନ୍ତ କେହି ସୁରକ୍ଷିତ ନାହାନ୍ତି। ମାଧବୀଲତାଙ୍କଠାରୁ ଆରମ୍ଭ କରି ବେବିନା ପର୍ଯ୍ୟନ୍ତ କାହାରିକୁ ସରକାର ନ୍ୟାୟ ପ୍ରଦାନ କରିପାରୁନାହିଁ। ଆଜି ବି ବେବିନାର ଆତ୍ମା ନ୍ୟାୟ ପାଇଁ କାନ୍ଦୁଛି ବୋଲି ପ୍ରକାଶ କରିଥିଲେ। ଭାଜପା ଜିଲା ସଭାପତି ମଦନ ମୋହନ ଦତ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କୁ ସମାଲୋଚନ କରିଥିଲେ। ରାଜ୍ୟ ସମ୍ପାଦିକା ଶୋଭନା ମହାନ୍ତି, ନଗର ସଭାପତି ସୀତାକାନ୍ତ ସ୍ୱାଇଁ, ସଞ୍ଜୁକ୍ତା ମହାପାତ୍ର, ସସ୍ମିତା ଚାନ୍ଦ, ସସ୍ମିତା ଦାଶ, ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ମନୀଷା ବେହେରା, ଆଶାଲତା ବାଡ଼ି, ହୃଷିକେଶ ମହାପାତ୍ର, ସୁବାସିନୀ ସାହୁ, ସଞ୍ଜୁକ୍ତା ପାତ୍ର, ତରୁଲତା ମହାନ୍ତା, ଲୁବୁଲି ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖି ସରକାରଙ୍କୁ ସୁରକ୍ଷା ଦେବାର ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଥିଲେ। ନଗରର ବିଭିନ୍ନ ବସ୍ତି, ପଞ୍ଚାୟତରୁ ମହିଳା ମୋର୍ଚ୍ଚା ପକ୍ଷରୁ ସଂଗ୍ରହ ହୋଇଥିବା ଚୁଡ଼ିଗୁଡିକୁ ଏକ ବାକ୍ସରେ ରଖାଯାଇଥିଲା। ଶେଷରେ ସଂଗ୍ରହ ଲାଲ୍ ଚୁଡ଼ିକୁ ଜିଲା ମୁଖ୍ୟ ପୋଷ୍ଟ ଅଫିସ୍ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଠାଯାଇଛି। ବରିଷ୍ଠ ନେତା ଶୁଭଙ୍କର ମହାପାତ୍ର, ଚିତ୍ତରଞ୍ଜନ ପଣ୍ଡା, ସତ୍ୟଜିତ୍ ମିଶ୍ର, ଗୌରାଙ୍ଗ ଦାସ, ଯୋଗେନ ରଣା, ରାଧାକାନ୍ତ ଦାସ, ଜ୍ୟୋତି ପ୍ରକାଶ ପାଣିଗ୍ରାହି, ମାନସ ପ୍ରଧାନ ଓ ରାମ ମାରାଣ୍ଡି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ମୋ ଭବିଷ୍ୟତ ସୁରକ୍ଷା' ସ୍ୱାକ୍ଷର ଅଭିଯାନ ଆରମ୍ଭ



'ମୋ ଭବିଷ୍ୟତ ସୁରକ୍ଷା ସ୍ୱାକ୍ଷର' ଅଭିଯାନରେ ସାମିଲ ବିଜେଡି ନେତୃବୃନ୍ଦ।

**ବାଲେଶ୍ୱର ଅଫିସ,୧୯।୧**

ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ର ବିରୋଧୀ ନୀତି ପ୍ରତିବାଦରେ ବାଲେଶ୍ୱର ଗାନ୍ଧୀ ସ୍ମୃତିଭବନ ସମ୍ମୁଖରେ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଶନିବାର 'ମୋ ଭବିଷ୍ୟତ ସୁରକ୍ଷା ସ୍ୱାକ୍ଷର' ଅଭିଯାନ ଆରମ୍ଭ ହୋଇଛି। ବିଜୁ ଯୁବ ଜନତା ଦଳର ସଭାପତି ଶୁଭେନ୍ଦୁ ଦାସମଙ୍ଗରାଜଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସଦର ବିଧାୟକ ଜୀବନ ପ୍ରଦୀପ ଦାଶ, ଯୁବନେତା ଦୀପକ ମଲ୍ଲିକ, ଏସ୍‌ସିଏସ୍‌ଟି ସେଲ୍‌ର ଜିଲା ସଭାପତି ଶତ୍ରୁଘ୍ନ ମଲିକ, ପୂର୍ବତନ ନଗରପାଳ ଆଲୋକ କୁମାର ସାହୁ, ବିଜୁ ଛାତ୍ର ଜନତା ଦଳ ସଭାପତି ସିମନ୍ ଦାସ ମହାପାତ୍ର ପ୍ରମୁଖ ସାମିଲ ହୋଇ ଏହି ସ୍ୱାକ୍ଷର ଅଭିଯାନକୁ ଜିଲାର ସମସ୍ତ ବିଧାନସଭା କ୍ଷେତ୍ରରେ ତ୍ୱରାନ୍ୱିତ କରିବା ପାଇଁ ଆହ୍ୱାନ ଦେଇଥିଲେ।

୨୦୧୬-୧୭ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ରାଜ୍ୟର ଅନୁସୂଚିତ ଜାତି ଓ ଜନଜାତି ଛାତ୍ରମାନଙ୍କ ମେଧାବୃତ୍ତି ସହାୟତା ୨୧୫.୮୦କୋଟି ଅନୁଦାନ ଦେଇଥିଲେ। ୨୦୧୭-୧୮ ଆର୍ଥିକ ବର୍ଷରେ ମାତ୍ର ୧୦ଭାଗ ଯୋଗାଇ ଦେଇ ଏ ପର୍ଯ୍ୟନ୍ତ ଚୁପ୍ ରହି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ରାଜ୍ୟର ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରମାନଙ୍କ ପ୍ରତି ଅନ୍ୟାୟ ବୋଲି ଏସ୍‌ସିଏସ୍‌ଟି ସେଲ୍‌ର ଜିଲା ସଭାପତି ମଲ୍ଲିକ ପ୍ରକାଶ କରିଛନ୍ତି। ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କୁ ନ୍ୟାୟ ଦେବା ପାଇଁ ଶନିବାରଠାରୁ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଥିବା ବେଳେ ପ୍ରତ୍ୟେକ ନିର୍ବାଚନମଣ୍ଡଳୀର ଛାତ୍ରୀ ଏବଂ ଯୁବନେତାମାନଙ୍କ ଦ୍ୱାରା ୧୫ଦିନ ମଧ୍ୟରେ ୬୫ହଜାରରୁ ଊର୍ଦ୍ଧ୍ୱ ଦସ୍ତଖତ ସମ୍ବଳିତ ଏକ ଦାବି ସଂଗ୍ରହ କରାଯିବ। ଶେଷରେ ରାଜ୍ୟର ପ୍ରତ୍ୟେକ ଜିଲାରୁ ଏପରି ଦସ୍ତଖତ ଅଭିଯାନରୁ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ପ୍ରେରଣ କରାଯିବ।







## ଉନ୍ନତମାନର ଚିକିତ୍ସା ଯୋଗାଇବା ନେଇ ଆଲୋଚନା



କ୍ଲବରେ ଡାକ୍ତର ଅଶୋକ କୁମାର ମହାପାତ୍ରଙ୍କ ସହ ଅନ୍ୟମାନେ।

**ବାଲେଶ୍ୱର ଅଫିସ,୧୯।୧:** ବାଲେଶ୍ୱର ରୋଟାରୀ କ୍ଲବର ଚକ୍ଷୁ ଚିକିତ୍ସାଳୟକୁ ନୂଆଦିଲ୍ଲୀ ଏମ୍‌ସର ବରିଷ୍ଠ ଡାକ୍ତର ଅଶୋକ କୁମାର ମହାପାତ୍ର ପରିଦର୍ଶନ କରିଥିଲେ। ବାଲେଶ୍ୱର ରୋଟାରୀ କ୍ଲବର ଚକ୍ଷୁ ଚିକିତ୍ସାଳୟ ଉନ୍ନତମାନର ସେବା ଯୋଗାଇ ଚାଲିଛି। ପ୍ରତିମାସରେ ଶତାଧିକ ଲୋକ ଉପକୃତ ହେଉଛନ୍ତି। ଉକ୍ତ ଚିକିତ୍ସାଳୟକୁ ଭୁବନେଶ୍ୱରର ବଡ଼ ବଡ଼ ଡାକ୍ତରଖାନା ସହ ସହବନ୍ଧିତା କରି ଉନ୍ନତମାନର ଚିକିତ୍ସା ଯୋଗାଇ ଦେବା ପାଇଁ ସେ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ରୋଟାରୀ କ୍ଲବ ସଭାପତି କର୍ଣ୍ଣେଲ ବିଦ୍ୟାଧର ସିଂ, ସମ୍ପାଦକ ବିଶ୍ୱଦୀପ ପଣ୍ଡା, ବରିଷ୍ଠ ରୋଟାରିୟାନ୍ ସୁବ୍ରତ କର, ଶାନ୍ତନୁ କୁମାର ପାଣି, ପ୍ରହଲ୍ଲାଦ ମହାନ୍ତି, ଯଶୋଦା ନନ୍ଦନ ଆଶ୍ ପ୍ରମୁଖ ଉପସ୍ଥିତ ରହି ଡା. ମହାପାତ୍ରଙ୍କ ସହ ଜିଲାର ସ୍ୱାସ୍ଥ୍ୟ ସଚେତନତା ଉପରେ ଆଲୋଚନା କରିଥିଲେ।

# ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରତିଭା ମହୋତ୍ସବ ଆରମ୍ଭ

**ଖଇରା, ୧୯।୧(ଡି.ଏନ.ଏ.)**

ଖଇରା ବ୍ଲକର ଅଗ୍ରଣୀ ପୂଜ୍ୟପୂଜା ସଙ୍ଗଠନ ପ୍ରତିଭା ମହୋତ୍ସବ ପ୍ରତିଯୋଗିତା, ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଉଦ୍‌ଘାଟିତ ହୋଇଯାଇଛି। ସକାଳେ ଖଇରା ଥାନା ଅଧିକାରିଣୀ ଲୋପାମୁଦ୍ରା ନାୟକ ପତାକା ଉତ୍ତୋଳନ କରି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଦେବେନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଖଇରା ଅଞ୍ଚଳର ବିଭିନ୍ନ ବ୍ୟାଙ୍କର ପରିଚାଳକ ବିଷ୍ଣୁଚରଣ ମହାପାତ୍ର, ପୁଷ୍ପମିତ୍ରା କର ସମ୍ମାନନୀୟ ଅତିଥି ଓ ଡ. ଅଜୟ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଆୟୋଜିତ ସଙ୍ଗୀତ ପ୍ରତିଯୋଗିତାକୁ ଖଇରା ମହାବିଦ୍ୟାଳୟ ଅଧକ୍ଷ ଡ. ଶୁଭ୍ରାଂଶୁ ଶେଖର ମହାପାତ୍ର ଉଦ୍‌ଘାଟନ କରିଥିଲେ।

ସମ୍ବର୍ଦ୍ଧନା ସଭାରେ ସ୍ଥାୟୀ ସଭାପତି ଚିନ୍ତାମଣି ସାହାଣୀ ଅଧକ୍ଷତା କରିଥିଲେ।



ଅତିଥିମାନେ ମୁଖପତ୍ର 'ପ୍ରତିଭା' ଉନ୍ମୋଚନ କରୁଛନ୍ତି।

ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଓ ଗୋଷ୍ଠୀ ଶିକ୍ଷାଧିକାରୀ ଧରଣୀଧର ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରତ୍ୟେକ ଶିଶୁ ମଧ୍ୟରେ ଲୁକ୍କାୟିତ ପ୍ରତିଭା ରହିଛି। ଏହାର ବିକାଶ ପାଇଁ ପରିବାର ଓ ଆଖପାଖ ପରିବେଶ ଉପଯୁକ୍ତ ହେଲେ ଏହାର ପରିସ୍ଫୁଟନ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ଭଦ୍ରକ ଶହୀଦ ଭଗତ ସେବାର ଆବାହକ ସୀତାଂଶୁ ଶେଖର ମହାପାତ୍ର, ସରପଞ୍ଚ ସୁଦର୍ଶନ ସେଠୀ, ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ, ସମିତିସଭ୍ୟା ନମିତା ବେହେରା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। ଉମେଶ ନାୟକ ବିବରଣୀ ପାଠ, ରଘୁନାଥ ପତ୍ରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖପତ୍ର ପ୍ରତିଭା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ନୀଳମାଧବ ବେହେରା, ଯୁଗଳ କିଶୋର ଗାହାଣ, ନବଘନ ରାଉଳ, ପ୍ରାଣବନ୍ଧୁ ମହାପାତ୍ର, ମଧୁସୂଦନ ଦାସ, ଅକ୍ଷୟ କୁମାର ଜେନା, ଦିବ୍ୟଦର୍ଶନ ଦାସଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଖଇରା ବ୍ଲକରୁ ଡାକ୍ତରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଭାଗ୍ୟଶ୍ରୀ ଦଳାଇ, ସୋନୁଜା ପଣ୍ଡା, ଯୁଗାନ୍ତ ଜ୍ୟୋତି ଦାସ, ଶୁଭଙ୍କର ଦାସ, ଜୀବନଜ୍ୟୋତି ବେହେରାଙ୍କୁ ବିଶିଷ୍ଟ ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ରବିନାରାୟଣ ପାଣିଗ୍ରାହୀ ସମ୍ବର୍ଦ୍ଧିତ କରିବା ସହ ସଙ୍ଗଠନକୁ ୫୦ହଜାର ଟଙ୍କାର ସହାୟତା ଘୋଷଣା କରିଥିଲେ। ପରେ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ପ୍ରଦତ୍ତ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ସଙ୍ଗଠନ ସଦସ୍ୟ ଶଶୀକାନ୍ତ ଦାସ, ବୁଦ୍ଧିରାମ ପପାଣିଗ୍ରାହୀ, ବିମନ ବାରିକ, ଡା. ହରେକୃଷ୍ଣ ରାଉତ, ଚନ୍ଦ୍ରଶେଖର ପଣ୍ଡା, ବିମଳେନ୍ଦୁ ଜେନା, କୈଳାସ ଦାସ, ସଙ୍କୀର୍ତ୍ତନ ପଣ୍ଡାଙ୍କ ସମେତ ସମସ୍ତ ସଭ୍ୟ ସହଯୋଗ କରିଥିଲେ।

